# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 May - 2026

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ୩୮କୁ ବୃଦ୍ଧି ପାଇଲା ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା
- ଅପରାଧୀଙ୍କ ପ୍ରତି ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି; କହିଲେ ପୁଲିସ୍ ମହାନିର୍ଦ୍ଦେଶକ
- ଓଡ଼ିଶାକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ-ନବୀନ

ଏବଂ

- ଉଚ୍ଚ ରକ୍ତଚାପ ଏବଂ ଏ ସଂକ୍ରାନ୍ତ ବିଭିନ୍ନ ସମସ୍ୟା ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି 'ବିଶ୍ୱ ଭାବପ୍ରବଣତା ଚାପ ଦିବସ'

## ବିଚାରପତି ସଂଖ୍ୟା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ୩୩ରୁ ୩୭କୁ ବୃଦ୍ଧି କରିବାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ସଂଶୋଧନ ଅଧ୍ୟାଦେଶ ଅନୁଯାୟୀ କେନ୍ଦ୍ର ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ ଦ୍ୱାରା ବିଚାରପତି ସଂଖ୍ୟା ବୃଦ୍ଧି ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ପ୍ରଧାନ ବିଚାରପତିଙ୍କ ସମେତ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ୩୮କୁ ବୃଦ୍ଧି ପାଇଛି।

## ୱାଇ.ବି. ଖୁରାନିୟା

ରାଜ୍ୟରେ ଅପରାଧୀମାନଙ୍କର କୌଣସି ସ୍ଥାନ ନାହିଁ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିୟା କହିଛନ୍ତି। ଅପରାଧ ଓ ଅପରାଧୀମାନଙ୍କ ପ୍ରତି ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ଶ୍ରୀ ଖୁରାନିୟା କହିଛନ୍ତି, ପ୍ରତ୍ୟେକଟି ଅପରାଧର ଜବାବ ଦେବା ଲାଗି ପୁଲିସ୍ ପ୍ରଶାସନ ପ୍ରସ୍ତୁତ ରହିଛି। ଅପରାଧୀମାନେ ଅପରାଧ ଘଟାଇବା ବଦଳରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସେ କହିଛନ୍ତି। ସୂଚନା ଅନୁଯାୟୀ, ଗତ ୫ ଦିନ ମଧ୍ୟରେ ରାଜ୍ୟରେ ୧ ହଜାର ୭୦୦ରୁ ଅଧିକ ଜାମିନ୍‌ବିହୀନ ଗିରଫ ପରୱାନା ଜାରି କରାଯାଇଛି। ୬ ଜଣଙ୍କ ବିରୁଦ୍ଧରେ ଜାତୀୟ ସୁରକ୍ଷା ଆଇନ୍ ଲାଗୁ କରାଯାଇଥିବାବେଳେ ୫୦ ରୁ ଅଧିକ ଫେରାର ଅପରାଧୀଙ୍କୁ ଗିରଫ କରାଯାଇଛି। ପୁଲିସ୍ ମହାନିର୍ଦ୍ଦେଶକ କହିଛନ୍ତି, ଗୁଇନ୍ଦା ସୂଚନା ଆଧାରରେ ଜେଲ୍ ଫେରନ୍ତାଙ୍କ ଉପରେ କଡା ନଜର ରଖାଯାଇଛି। ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଅପରାଧୀଙ୍କ ବିରୋଧରେ ଏହି ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି। ରାଜ୍ୟରେ ଆଇନ୍ ଶୃଙ୍ଖଳା

ପରିସ୍ଥିତି କଡାକଡି କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାର ଆରକ୍ଷୀ ଅଧିକ୍ଷକମାନେ ସଜାଗ ଅଛନ୍ତି।

**- V/O –**

## ନୀତିନଙ୍କ ଓଡିଶା ଗସ୍ତ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦୁଇଦିନିଆ ଓଡିଶା ଗସ୍ତରେ ଆସି ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆସନ୍ତାକାଲି ହେବାକୁ ଥିବା କୋର କମିଟି ବୈଠକରେ ଶ୍ରୀ ନବୀନ ଯୋଗଦେବେ  ବୋଲି ଦଳ ପକ୍ଷରୁ କୁହାଯାଇଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ପରେ ନୀତିନ ନବୀନ ପ୍ରଥମ ଥର ପାଇଁ ଓଡିଶା ଗସ୍ତରେ ଆସୁଛନ୍ତି । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଶ୍ରୀ ନବୀନଙ୍କୁ ସ୍ୱାଗତ କରିବା ସହ ତାଙ୍କ ମାର୍ଗଦର୍ଶନ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପକୁ ନୂତନ ଶକ୍ତି ପ୍ରଦାନ କରିବ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ଆସନ୍ତାକାଲି ଶ୍ରୀ ନବୀନ ଖୋର୍ଦ୍ଧା ଜିଲ୍ଲା ଜଟଣୀସ୍ଥିତ ଆଇଆଇଟି ନିକଟସ୍ଥ ଏସିଆନ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ଫିଜିକାଲ ହେଲଥ୍ ବିଶ୍ୱବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହାଭିଯାନ ଶିବିରକୁ ଉଦ୍‌ଘାଟନ କରିବେ। ପରେ ସେ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ପଦାଧିକାରୀ ମୋର୍ଚ୍ଚା ସଭାପତି ଓ ମନ୍ତ୍ରୀ ପରିଷଦ ବୈଠକରେ ଯୋଗଦେବେ।

## ପିଏମ-ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ଆସନ୍ତା ୩୧ ତାରିଖ ରବିବାର ଦିନ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କୀ ବାତ୍‌ର ୧୩୪ତମ ସଂସ୍କରଣ ହେବ। ଜନସାଧାରଣ ଏହି କାର୍ଯ୍ୟକ୍ରମ ପାଇଁ ସେମାନଙ୍କ ମତାମତ ଓ ପ୍ରସ୍ତାବ ଦେଇପାରିବେ। ଦେୟମୁକ୍ତ ନମ୍ବର ୧୮୦୦-୧୧-୭୮୦୦ରେ ମତାମତ ଦିଆଯାଇପାରିବ। ଅନ୍‌ଲାଇନ୍ ଜରିଆରେ ନରେନ୍ଦ୍ର ମୋଦୀ ଆପ୍ ଓ ମାଇ ଗଭର୍ଣ୍ଣମେଣ୍ଟ ଓପନ ଫୋରମ୍ ଜରିଆରେ ମତାମତ ଦିଆଯାଇପାରିବ। ନାଗରିକମାନେ ୧୯୨୨ ନମ୍ବରକୁ ମିସ୍‌ଡ୍ କଲ କରି ପ୍ରାପ୍ତ ଲିଙ୍କ୍‌ରେ ମଧ୍ୟ ମତାମତ ପଠାଇ ପାରିବେ। ଚଳିତମାସ ୨୯ ତାରିଖ ପର୍ଯ୍ୟନ୍ତ ମତାମତ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ପଥୋତ୍ସବ ନିମାପଡା

ପୁରୀ ନିମାପଡାଠାରେ ନିମାପଡା ପଥୋତ୍ସବ ଆୟୋଜିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପଥୋତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଅଭିନୀତ ଏକକ ଅଭିନୟ ପଥପ୍ରାନ୍ତ ନାଟକ, ପାଲା ଓ ଦାସକାଠିଆ ବୁଲି ଦେଖିଥିଲେ। ଶ୍ରୀମତୀ ପରିଡା କହିଥିଲେ, ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ଅସ୍ମିତାର ପ୍ରତିନିଧିତ୍ୱ କରୁଥିବା ଆମ ପାରମ୍ପରିକ ଲୋକକଳାକୁ ଲୋକଲୋଚନକୁ ଅଣାଯାଇପାରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉତ୍କର୍ଷ ନିମାପଡା ୨.୦ର ଜର୍ସି, ଟୋପି, ମେଡାଲ ଏବଂ ମାସ୍କଟ ଉତ୍କର୍ଷ ଘୋଡାର ଉନ୍ମୋଚନ କରିଥିଲେ। ସୂଚନା ଅନୁଯାୟୀ, ଏହି କାର୍ଯ୍ୟକ୍ରମ ଅଧୀନରେ ନିମାପଡା ଏବଂ ଗୋପରେ

ମାରାଥନ ଆୟୋଜନ ସହ କ୍ରୀଡା, ସଂଗୀତ, ନୃତ୍ୟ ଓ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ବିଶ୍ୱ ଭାବପ୍ରବଣତା ଚାପ ଦିବସ

ଉଚ୍ଚ ରକ୍ତଚାପ ଓ ଏହା ଯୋଗୁଁ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ସାରା ବିଶ୍ୱରେ ବିଶ୍ୱ ଭାବପ୍ରବଣତା ଚାପ ଦିବସ ପାଳନ କରାଯାଉଛି। ଭାବପ୍ରବଣତା ଚାପ ସଚେତନତା ମାସ ପାଳନର ଏକ ଅଂଶସ୍ୱରୂପ ଏହି ଦିବସ ପାଳିତ ହେଉଛି। ଏହାର ଉଦ୍ଦେଶ୍ୟ ହେଉଛି ଉଚ୍ଚ ରକ୍ତଚାପ ସମ୍ପର୍କରେ ବିଶ୍ୱବ୍ୟାପୀ ସଚେତନତା ବୃଦ୍ଧି କରିବା ସହ ପ୍ରତିରୋଧ, ଚିହ୍ନଟ ଏବଂ ବ୍ୟକ୍ତିଗତ, ସାମୁଦାୟିକ ଓ ସ୍ୱାସ୍ଥ୍ୟ ପ୍ରଣାଳୀ ସ୍ତରରେ କାର୍ଯ୍ୟକୁ ଉତ୍ସାହିତ କରିବା। ଚଳିତବର୍ଷର ବିଷୟବସ୍ତୁ ରହିଛି- 'ମିଳିମିଶି ଭାବପ୍ରବଣତା ଚାପକୁ ନିୟନ୍ତ୍ରଣ କରି ରଖିବା- ନିୟମିତ ରକ୍ତଚାପ ଯାଞ୍ଚ କରିବା, ନୀରବ ଘାତକକୁ ପ୍ରତିହତ କରିବା'। ଭାବପ୍ରବଣତା ଚାପ ବିଶ୍ୱସ୍ତରରେ ଅକାଳ ମୃତ୍ୟୁର ପ୍ରମୁଖ ପ୍ରତିରୋଧଯୋଗ୍ୟ କାରଣ ଭାବେ ପରିଗଣିତ ହେଉଛି। ବିଶ୍ୱରେ ପ୍ରାୟ ୧୪୦ କୋଟି ଲୋକ ଉଚ୍ଚ ରକ୍ତଚାପରେ ପୀଡ଼ିତ ଅଛନ୍ତି। ପ୍ରଭାବଶାଳୀ ଓ ସୁଲଭ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ଥିଲେ ମଧ୍ୟ ଅନେକ ଲୋକ ଏ ସମ୍ପର୍କରେ ସଚେତନ ନୁହନ୍ତି। ଫଳସ୍ୱରୂପ, ଉଚ୍ଚ ରକ୍ତଚାପରେ ପୀଡ଼ିତ ପ୍ରତି ୪ ଜଣଙ୍କ ମଧ୍ୟରୁ କେବଳ ଜଣଙ୍କର ରକ୍ତଚାପ ନିୟନ୍ତ୍ରଣରେ ରହୁଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସନ୍ତୁଳିତ ଖାଦ୍ୟଆହାର, ଶାରୀରିକ କ୍ରିୟାକଳାପ ଏବଂ

ମାନସିକ ଚାପ ନିୟନ୍ତ୍ରଣ ଭଳି ପଦକ୍ଷେପ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

# ବିଶ୍ୱ ଦୂରସଂଚାର ଦିବସ

ଆଜି ବିଶ୍ୱ ଦୂରସଞ୍ଚାର ଏବଂ ସାମାଜିକ ସୂଚନା ଦିବସ ପାଳିତ ହେଉଛି। ୧୮୬୫ ମସିହାରେ ପ୍ୟାରିସ୍‌ରେ ମିଳିତ ଜାତିସଂଘର ଡିଜିଟାଲ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଭାବେ ଆନ୍ତର୍ଜାତିକ ଦୂରସଞ୍ଚାର ସଂଘ ପ୍ରତିଷ୍ଠିତ ହୋଇଥିଲା। ଏହାର ସ୍ମୃତିରେ ପ୍ରତିବର୍ଷ ମେ’ ୧୭ ତାରିଖକୁ ବିଶ୍ୱ ଦୂରସଞ୍ଚାର ଏବଂ ସାମାଜିକ ସୂଚନା ଦିବସ ଭାବେ ପାଳନ କରାଯାଉଛି।

ଇଣ୍ଟରନେଟ୍ ସହ ଅନ୍ୟାନ୍ୟ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ସଚେତନତା ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ।

ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି- ‘ପ୍ରଯୁକ୍ତିବିଦ୍ୟା ଜୀବନରେଖା: ସଂଗଠିତ ବିଶ୍ୱ ପାଇଁ ନିରନ୍ତରତାକୁ ସୁଦୃଢ଼ କରିବା’।

## ସିଏନ୍‌ଜି ହାଇକ୍

ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍ ଚଳିତ ସପ୍ତାହରେ ପୁଣି ଥରେ ସିଏନ୍‌ଜି ଦର ବୃଦ୍ଧି କରିଛି। ଏହି ଦର ୧ ଟଙ୍କା ବୃଦ୍ଧି ପାଇଥିବା ସୂଚନା ମିଳିଛି। ଦରବୃଦ୍ଧି ପରେ ଦିଲ୍ଲୀରେ ସିଏନ୍‌ଜି ଏକକିଲୋଗ୍ରାମ୍ ପିଚ୍ଛା ୮୦ ଟଙ୍କା ୯ ପଇସା ହୋଇଥିବାବେଳେ ଭୁବନେଶ୍ୱର ଓ କଟକରେ ୮୮ ଟଙ୍କା ୨୬ ପଇସା ଏବଂ

ପୁରୀରେ ୮୬ ଟଙ୍କା ୭ ପଇସାକୁ ବୃଦ୍ଧି ପାଇଛି। ଚଳିତ ସପ୍ତାହ ପ୍ରାରମ୍ଭରେ ସିଏନ୍‌ଜି ଦର ଏକ କିଲୋଗ୍ରାମ ପିଛା ୨ ଟଙ୍କା ବୃଦ୍ଧି ପାଇଥିଲା।

## ପ୍ରବେଶିକା ପରୀକ୍ଷା

୨୦୨୬-୨୭ ବର୍ଷ ପାଇଁ ଭାରତୀୟ ସେନାରେ ନିଯୁକ୍ତି ଲକ୍ଷ୍ୟରେ ଅଗ୍ନିବୀର ଯୋଜନା ଏବଂ ନିମୟମିତ କ୍ୟାଡର ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଜୁନ୍ ମାସ ପହିଲାରୁ ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା  ପରୀକ୍ଷା କୋଲକାତା ନିଯୁକ୍ତି ଜୋନ୍‌ରେ ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ୧୭ଟି ସହରର ୨୬ଟି କେନ୍ଦ୍ରରେ ଅନୁଷ୍ଠିତ ହେବ।  ଓଡ଼ିଶାର ୭ଟି ସହର କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁରରେ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯିବ। ଗତ ୧୫ ତାରିଖଠାରୁ ଅନ୍‌ଲାଇନ୍‌ରେ ପ୍ରବେଶପତ୍ର ଉପଲବ୍ଧ ହେଉଛି।

## ଲକ୍ଷ୍ମୀକାନ୍ତ–କାର୍ଯ୍ୟଖସଡା

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ତାଳପଡା ପଂଚାୟତ ଅନ୍ତର୍ଗତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମମାଟି ତାଳପଦ ପଂଚାୟତର ବିକାଶ ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ ହୋଇଛି। ଯୋଜନାର ସଫଳ ରୂପାୟନ ଲାଗି ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ ବୋଲି ଜଣାପଡିଛି। ଯୋଜନାରେ ତାଳପଦା ପଂଚାୟତରେ କୃଷି, ଶିକ୍ଷା, ଜଳସେଚନ, ଦକ୍ଷତାବିକାଶ ଭଳି କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯିବ।

## ଦୁର୍ଘଟଣା

**ନବରଙ୍ଗପୁର** ପାପଡାହାଣ୍ଡି ବ୍ଲକ୍ ନିକଟସ୍ଥ ପଧାନୀଗୁଡ଼ା ଛକରେ ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ହେବା ସହ ତିନିଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଏକ ପାଇପ୍ ବୋଝେଇ ଟ୍ରକ୍ ପାପଡାହାଣ୍ଡିରୁ କଳାହାଣ୍ଡି ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ କାର୍‌ରେ ଥିବା ମା'-ଝିଅଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଅନ୍ୟ ତିନିଜଣଙ୍କ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଗତକାଲି ଆଣ୍ଡାମାନ ସାଗର ଛୁଇଁଥିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ମୌସୁମୀବାୟୁ ଦକ୍ଷିଣ-ପୂର୍ବ ଆରବସାଗରର କିଛି ଅଂଶ, ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରର କିଛି ଅଞ୍ଚଳକୁ ଆଜି ସନ୍ଧ୍ୟା ସୁଦ୍ଧା ଅଗ୍ରସର ହେବାର ଅନୁମାନ କରାଯାଇଛି । ଆଣ୍ଡାମାନର ନିକୋବର ଦୀପପୁଞ୍ଜ ଏବଂ ଶ୍ରୀବିଜୟପୁରମ୍ ସହିତ ଏହି ଅଞ୍ଚଳର ଅନ୍ୟ ଦ୍ୱୀପପୁଞ୍ଜଗୁଡିକୁ ମୌସୁମୀ ଛୁଇଁବ । ଅନ୍ୟପକ୍ଷରେ କାଳବୈଶାଖୀର ପ୍ରଭାବରେ ଆଗାମୀ ଚାରିଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡବର୍ଷା ଓ ବଜ୍ରପାତ ଜାରି ରହିବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ ଗୁରୁଣ୍ଡିଆରେ ସର୍ବାଧିକ ୯ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି । ରାଜ୍ୟର ପ୍ରାୟତଃ ସମସ୍ତ ଜିଲ୍ଲାରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ

କରାଯାଇଛି । ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ଦିନ ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।